# ପରିମଳ ବ୍ୟବସ୍ଥା, ଅଗ୍ନି ନିରାପତ୍ତାକୁ ଗୁରୁତ୍ୱ

## ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲେ ବିଧାୟକ, ଜିଲାପାଳ

ନବରଙ୍ଗପୁର,୨୧।୩(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଶନିବାର ବିଧାୟକ ଗୌରୀଶଙ୍କର ମାଝୀ ଓ ଜିଲାପାଳ ଡ. ମହେଶ୍ୱର ସ୍ୱାଇଁ ଅଚାନକ ପରିଦର୍ଶନରେ ଯାଇଥିଲେ। ବିଧାୟକ ଓ ଜିଲାପାଳ ଆବର୍ଜନା ସଫା ସହ ସମସ୍ତ ସରଞ୍ଜାମ ଠିକ୍ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ମେଡିକାଲ ପରିସର ମଧ୍ୟରେ ମଇଳା, ଆବର୍ଜନା ଦେଖି ଜିଲାପାଳ ବିଗିଡ଼ି ଥିଲେ। ଏହାକୁ ସଫା କରିବାକୁ ନନ୍ଦାହାଣ୍ଡି ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁଙ୍କୁ କହିଥିଲେ। ବିଦ୍ୟୁତ ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନଙ୍କୁ ଡାକି ସମସ୍ତ ପ୍ରକାର ସରଞ୍ଜାମ ଠିକ କରିବାକୁ କୁହାଯାଇଥିଲା। ଖରାଦିନରେ ଶର୍ଟ ସର୍କିଟ ଆଶଙ୍କା ରହିଛି। ତେଣୁ ଆଗୁଆ ବିଦ୍ୟୁତ ତାର ଠିକ କରାଯିବ ବୋଲି



ଜିଲାପାଳ ମହେଶ୍ୱର ସ୍ୱାଇଁ, ବିଧାୟକ ଗୌରୀଶଙ୍କର ମାଝୀ, ନନ୍ଦାହାଣ୍ଡି ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରୁଛନ୍ତି।

ବିଧାୟକ କହିଛନ୍ତି। ଏହା ସହିତ ଅଗ୍ନି ନିରାପତ୍ତା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ମେଡିକାଲ ପରିସର ଅବସ୍ଥା ଦେଖି ଜିଲାପାଳ ବିଡିଓଙ୍କୁ ଶୀଘ୍ର ଏହାର ପ୍ରତିକାର କରିବାକୁ କହିଥିଲେ। ମେଡିକାଲ ପରିସର ଯେପରି କି ସଫା ରହିବ, ରୋଗୀ ତଥା ସମ୍ପର୍କୀୟମାନେ ଉତ୍ତମ ସୁବିଧା ପାଇବେ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି। ବିଧାୟକ ଓ ଜିଲାପାଳ ବିଭିନ୍ନ ୱାର୍ଡ ବୁଲି ରୋଗୀମାନଙ୍କ କଥା ବୁଝିବା ସହ ଆଗାମୀ ଦିନରେ ଯାହା ପ୍ରଯୁଜ୍ୟ ତାହା ପୂରଣ ହେବ ବୋଲି କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ତପନ କୁମାର ଖୁଣ୍ଟିଆ, ଉପଜିଲାପାଳ ପ୍ରକାଶ କୁମାର ମିଶ୍ର, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ମଳୟ ପ୍ରଧାନ, ପୌରସଂସ୍ଥା ନିର୍ବାହୀ ଅଧିକାରୀ ଅଶୋକ କୁମାର କର୍ଣ୍ଣ ପ୍ରମୁଖ ଉପସ୍ଥିତ ଥିଲେ।

# ଚୋରି ଘଟଣାରେ ୨ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ

ନବରଙ୍ଗପୁର,୨୧।୩(ସଦାଶିବ ପ୍ରହରାଜ)

ଚୋରି ଘଟଣାରେ ୨ ଅଭିଯୁକ୍ତଙ୍କୁ ନବରଙ୍ଗପୁର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମାଝିଗୁଡ଼ା ଗାଁର ଦିଲୁ ବରବାରି ଓ କିରଣ ଡଙ୍ଗରି। ଉଭୟଙ୍କଠାରୁ ଦର୍ପଣ, ଶାଢ଼ୀ, ପ୍ୟାଣ୍ଟ, ଭଳି ପୋଷାକ ସାମଗ୍ରୀ ଓ ତିନୋଟି କାନ୍ଥ ଘଣ୍ଟା ଜବତ କରାଯାଇଛି। ସୂଚନାନୁଯାୟୀ ଫେବୃୟାରୀ ୩ ତାରିଖ ରାତିରେ ମାଝୀଗୁଡ଼ା ଗାଁର କୃଷ୍ଣ ହେନ୍ତାଳ ଘରେ ଚୋରି ହୋଇଥିଲା। ଏନେଇ ପରଦିନ ଅର୍ଥାତ ୪ ତାରିଖରେ ହେନ୍ତାଳ ନବରଙ୍ଗପୁର ଥାନାରେ ଅଭିଯୋଗ କରିଥିଲେ। କେତେଜଣ ଦୁର୍ବୃତ୍ତ ଘର ଏବଂ ଆଲମିରାର ତାଲା ଭାଙ୍ଗି ଦୁଇ ଯୋଡ଼ା ସୁନା କାନଫୁଲ ଓ ଅନ୍ୟ ଜିନିଷପତ୍ର ଚୋରି କରି ନେଇଯାଇଛନ୍ତି। ରିପୋର୍ଟ



ପୋଲିସ ସହ ଗିରଫ ଅଭିଯୁକ୍ତ ।

ଆଧାର କରି ନବରଙ୍ଗପୁର ଥାନାରେ କେସ ନମ୍ବର ୪୨/୨୬ରେ ଏକ ମାମଲା ରୁଜୁ କରାଯାଇଥିଲା। ଏସ୍ଆଇ ସବିର ଅହମ୍ମଦ ତଦନ୍ତ କରିଥିଲେ। ଶନିବାର ଏହି ଘଟଣାରେ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଏସ୍‌ଡିପିଓ କୃଷ୍ଣ ଚନ୍ଦ୍ର ଭତ୍ରା ସୂଚନା ଦେଇଛନ୍ତି।

# ଅଣ କ୍ୟାଡର ସରକାରୀ ଓକିଲଙ୍କୁ ପ୍ରଶିକ୍ଷଣ




ବୈଠକରେ ମଞ୍ଚାସୀନ ଅତିଥିମାନେ।

ନବରଙ୍ଗପୁର,୨୧।୩(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟର ଅଶୋକ ମେହେଟ୍ଟା ସମ୍ମିଳନୀ କକ୍ଷରେ ନବରଙ୍ଗପୁର ଜିଲାର ଅଣ କ୍ୟାଡର ସରକାରୀ ଓକିଲମାନଙ୍କ ପ୍ରଶିକ୍ଷଣ ଶିବିର ଶନିବାର ଅନୁଷ୍ଠିତ ହୋଇଛି। ନବରଙ୍ଗପୁର ଜିଲାପାଳ ଡ ମହେଶ୍ୱର ସ୍ୱାଇଁଙ୍କ ଦ୍ୱାରା ଉଦ୍‌ଘାଟିତ ଏହି ପ୍ରଶିକ୍ଷଣ ଶିବିରରେ ଉପ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ ସେନ, ଜିଲା ବନଖଣ୍ଡ ଅଧିକାରୀ ଶୁଭେନ୍ଦୁ ପ୍ରସାଦ ବେହେରା, ଉପନିର୍ଦ୍ଦେଶିକା ଅଭିଯୋଜନ ବିଭାଗ ଶୈଳଜା ପଟ୍ଟନାୟକ, ଅଜିତ ପଟ୍ଟନାୟକ, ନିଦର୍ଶନୀ ରଥ, ସହନିର୍ଦ୍ଦେଶକ ରୁପେଶ ପ୍ରଧାନୀ, ପବ୍ଲିକ ପ୍ରସିକ୍ୟୁଟର ମନୋଜ ଏକ୍କା, ସୁନନ୍ଦା ପ୍ରଧାନ, ଡ଼କ୍ଟର ଶିକ୍ଷା ରଥ, ଅବକାରୀ ନିରୀକ୍ଷକ ଦିଲ୍ଲୀପ କୁମାର ରଥ ପ୍ରମୁଖ ଉପସ୍ଥିତ ଥିଲେ। ନବନିଯୁକ୍ତ ସରକାରୀ ଓକିଲମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଆଇନ ଅନୁଯାୟୀ ଅଭିଯୁକ୍ତମାନଙ୍କୁ କିଭଳି ଭାବରେ ଅଧିକରୁ ଅଧିକ ଦଣ୍ଡ ଦିଆଯାଇପାରିବ ସେ ନେଇ ଆଲୋଚନା କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅଶୋକ ପାଢ଼ୀ, ମୃତ୍ୟୁଞ୍ଜୟ ମହାରଣା, ସରୋଜ ବେହେରା, ସିମାଞ୍ଚଳ ପାଢ଼ୀ, ଶ୍ରୀକାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଇଦ୍‌ରେ ସମୂହ ନମାଜ ପାଠ



ମୁସଲମାନ ଧର୍ମାବଲମ୍ବୀମାନେ ନବରଙ୍ଗପୁରସ୍ଥିତ ଇଦ୍‌ଗାରେ ଏକାଠି ହୋଇ ନମାଜ ପଢୁଛନ୍ତି।

ନବରଙ୍ଗପୁର, ୨୧।୩(ସଦାଶିବ ପ୍ରହରାଜ)

ନବରଙ୍ଗପୁରରେ ଇଦ୍ ଉଲ ଫିତର ଶନିବାର ପାଳନ କରାଯାଇଛି। ଅଫତାବ ଆଲାମଙ୍କ ନେତୃତ୍ୱରେ ନବରଙ୍ଗପୁର ମସଜିଦଠାରୁ ଇଛାବତିଗୁଡ଼ା ଇଦଗା ପର୍ଯ୍ୟନ୍ତ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଇଦଗାରେ ୨୫ ଶହରୁ ଊର୍ଦ୍ଧ୍ୱ ମୁସଲମାନ ଧର୍ମାବଲମ୍ବୀମାନେ ବିଶ୍ୱ ଶାନ୍ତି ପାଇଁ ନମାଜ ପାଠ ଓ ପ୍ରାର୍ଥନା କରିଥିଲେ। ତାଜ ଏମ୍ରାନ ସରିଫ, ଏମ୍‌ଡି ଜାହୁର, ଶେକ ସାଜନ, ଅବଦୁଲ ଆମିରୁ, ସରତାଜ, ଅଶ୍ରୁ ଏବଂ ଅନ୍ୟମାନେ ସହଯୋଗ କରିଥିଲେ। ମୁସଲମାନ ଧର୍ମାବଲମ୍ବୀମାନେ ରମଜାନ ମାସରେ ୩୦ ଦିନ ଉପବାସ ସହ ତରାବି ନାମଜ ପାଠ କରିଥିଲେ। ନିଜ ସମ୍ପତିର ୨.୫ ପ୍ରତିଶତ ଗରିବମାନଙ୍କୁ ସାହାଯ୍ୟ ପାଇଁ ଏହି ଦିନରେ ନିୟମ ରହିଥିବା ମୁସଲମାନ ଧର୍ମାବଲମ୍ବୀମାନେ କହିଛନ୍ତି।

# ପ୍ରବେଶ ଉତ୍ସବ, ଖଡ଼ିଛୁଆଁ ନେଇ ନିମନ୍ତ୍ରଣ

## ମୁଖ୍ୟମନ୍ତ୍ରୀଙ୍କ ସ୍ୱାକ୍ଷର ପତ୍ର ଅଭିଭାବଙ୍କୁ ପ୍ରଦାନ



ନବରଙ୍ଗପୁର ଡିଇଓ ଛତ୍ରପତି ସାହୁ ଜଣେ ଅଭିଭାବକଙ୍କୁ ନିମନ୍ତ୍ରଣ ପତ୍ର ପ୍ରଦାନ କରୁଛନ୍ତି।

ନବରଙ୍ଗପୁର,୨୧।୩ (ସଦାଶିବ ପ୍ରହରାଜ)

ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀରେ ନାମଲେଖାଇବାକୁ ଥିବା ଛାତ୍ରୀଛାତ୍ରମାନେ ଏପ୍ରିଲ ୨ରେ ହେବାକୁ ଥିବା ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁରେ ଯୋଗ ଦେବାକୁ ନିମନ୍ତ୍ରଣ ଦିଆଯାଇଛି। ଶନିବାର ଡିଇଓ ଛତ୍ରପତି ସାହୁ ନବରଙ୍ଗପୁର ବ୍ଲକ ପାତ୍ରମୁଣ୍ଡା ଗାଁରେ ଯୋଗ୍ୟ ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱାକ୍ଷରିତ ନିମନ୍ତ୍ରଣ ପତ୍ର ପ୍ରଦାନ କରିଥିଲେ। ଏହି ସମୟରେ ଏଡିଇଓ, ଏବିଇଓ, ସିଆର୍‌ସିସି ଓ ସ୍ଥାନୀୟ ଶିକ୍ଷୟିତ୍ରୀ ଶିକ୍ଷକ ମାନେ ଉପସ୍ଥିତ ଥିଲେ।

# ଜଙ୍ଗଲ ସୁରକ୍ଷା, ସଂରକ୍ଷଣ ଦିଗରେ ସଚେତନତା ଜରୁରୀ

## ବିଶ୍ୱ ବନ ଦିବସ ପାଳିତ

ନବରଙ୍ଗପୁର,୨୧।୩(ସଦାଶିବ ପ୍ରହରାଜ)

ନବରଙ୍ଗପୁର ବନଖଣ୍ଡ ପକ୍ଷରୁ ବିଶ୍ୱ ବନ ଦିବସ ଶନିବାର ପାଳିତ ହୋଇଛି। ଏଥିରେ କୋରାପୁଟ ଡିଏଫ୍‌ଓ (ୱାର୍କିଂ ପ୍ଲାନ୍) ଧନୁର୍ଜୟ ମହାପାତ୍ର ମୁଖ୍ୟଅତିଥିଭାବେ ଯୋଗଦେଇ ଜଙ୍ଗଲ ଓ ପରିବେଶ ରକ୍ଷାକୁ ଗୁରୁତ୍ୱ ଦେଇଥିଲେ। ବର୍ତ୍ତମାନ ପରିବେଶ ସନ୍ତୁଳନ ହରାଉଛି। ପାଗରେ ପରିବର୍ତ୍ତନ ହେବା ସହ ଉତ୍ତାପ ବୃଦ୍ଧି ପାଉଛି, ଯାହାକି ଚିନ୍ତାର ବିଷୟ। ଜଙ୍ଗଲରୁ ଗଛକାଟି ମକା ଚାଷ କରାଯାଉଛି। ପରିବେଶକୁ ନେଇ ଆଗାମୀ ପିଢ଼ିକୁ ବିପଦ ଦେଖାଦେବ। ବର୍ତ୍ତମାନ ଅକ୍ସିଜେନ ମଧ୍ୟ କିଣିବାକୁ ପଡୁଛି। ଏଥିପ୍ରତି ସଚେତନ ହେବାକୁ ଗୁରୁତ୍ୱ ଦେଇଥିଲେ। ନବରଙ୍ଗପୁର ଡିଏଫ୍‌ଓ ଶୁଭେନ୍ଦୁ ପ୍ରସାଦ ବେହେରା ଅଧ୍ୟକ୍ଷତା କରି ଜଙ୍ଗଲ ସୁରକ୍ଷା, ସଂରକ୍ଷଣ ଓ ସଚେତନତା ଆଶ୍ୟକତା ଉପରେ କହିଥିଲେ। ଜଙ୍ଗଲ ସହିତ ସ୍ୱାସ୍ଥ୍ୟର ପ୍ରତ୍ୟକ୍ଷ ସମ୍ପର୍କ ରହିଛି। ଜଙ୍ଗଲ ସୁରକ୍ଷିତ ରହିଲେ ସ୍ୱାସ୍ଥ୍ୟ ଭଲ ରହିବ ବୋଲି ସେ କହିଥିଲେ। ପରିବେଶବିତ୍ ପ୍ରଦୀପ କୁମାର ମିଶ୍ର ଜଙ୍ଗଲ ଦ୍ୱାରା ମିଳୁଥିବା ସୁବିଧା ସମ୍ପର୍କରେ ମତ ଦେଇଥିଲେ। ଗ୍ରାମ୍ୟ ବିକାଶ ସଙ୍ଗଠନ ଅଧ୍ୟକ୍ଷ ଈଶ୍ୱର ସାବୁତ ବନ ସୁରକ୍ଷା, ନିଆଁ ଦାଉରୁ ରକ୍ଷା ଓ ସଂରକ୍ଷଣ ଉପରେ ଆଲୋକପାତ କରି ଜଙ୍ଗଲ ରହିଛି ରହିବ ବୋଲି କହିଥିଲେ। ଜଙ୍ଗଲ ସୁରକ୍ଷା ସହିତ ନିଜ ଜମିରେ କିଭଳି ଚାରାରୋପଣ କରିହେବ ସେଥିପ୍ରତି ଗୁରୁତ୍ୱ ଦେବାକୁ କୁହାଯାଇଛି। ଜିଲାରେ ଭାଲୁ ଓ ମଣିଷ ଭିତରେ ଲଢ଼େଇ ହୋଇ ଜୀବନ ଚାଲି ଯାଉଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟିଦେବା ଜରୁରୀ ବୋଲି କହିଥିଲେ। ରାଜସ୍ୱ ବିଭାଗ ଅଧୀନରେ ଥିବା ଜଙ୍ଗଲ ସୁରକ୍ଷା ଉପରେ ଗୁରୁତ୍ୱ ଦେଇଥଲେ। ବିଭିନ୍ନ ବନ ସୁରକ୍ଷା ସମିତି ମହିଳାମାନେ ବନ ସୁରକ୍ଷା ଉପରେ ମତ ଦେଇଥିଲେ। ଏହି ଅବସରରେ ଚାରାରୋପଣରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଜମରୁଣ୍ଡା ହାଇସ୍କୁଲକୁ ୧୦ ହଜାର ଟଙ୍କା ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥଲା। ଉତ୍ତମ ପଞ୍ଚାୟତଭାବେ କୋଷାଗୁମୁଡ଼ା ବ୍ଲକ ଫାର୍ସାଗୁଡ଼ା ପଞ୍ଚାୟତକୁ ୨୦ ହଜାର ଟଙ୍କାର ଚେକ୍ ଓ ମାନପତ୍ର ଅତିଥିମାନେ ପ୍ରଦାନ କରିଥିଲେ।




ପୁରସ୍କାର ଗ୍ରହଣ ଅବସରରେ ଜମରୁଣ୍ଡା ହାଇସ୍କୁଲ ଶିକ୍ଷୟିତ୍ରୀ ଓ ଛାତ୍ରୀଛାତ୍ର।

15001/10/2526
OFS
WE SERVE TO SAVE
ବିଦ୍ୟୁତ ସରଞ୍ଜାମ ବ୍ୟବହାର କଲା ବେଳେ
ସତର୍କ ରୁହନ୍ତୁ: ନିଆଁରୁ ସୁରକ୍ଷିତ ରୁହନ୍ତୁ
ପ୍ଲଗ୍ ଢିଲା ନାହିଁ ତ ?
ଏୟାର କଣ୍ଡିସନର ଯନ୍ତ୍ର ଦିନ ରାତି ଚାଲୁନି ତ ?
ୱାୟରିଂ ପୁରୁଣା ହୋଇନି ତ ? ତାତୁନି ତ ?
ସରଞ୍ଜାମରେ ସ୍ପାର୍କ ହେଉନି ତ ?
ସୁଇଚ୍ ବୋର୍ଡ ତାତୁନି ତ ?
ସତର୍କ ରୁହନ୍ତୁ:
୧. ନିୟମିତ ବ୍ୟବଧାନରେ ଜଣେ ଦକ୍ଷ ଇଲେକ୍ଟ୍ରିସିଆନ୍ ଦ୍ୱାରା ଯାଞ୍ଚ କରନ୍ତୁ ।
୨. ପୁରୁଣା ୱାୟରିଂ କିଛି ବର୍ଷ ପରେ ବଦଳାନ୍ତୁ ।
୩. ଯେତିକି ଲୋଡ୍ ସମ୍ଭାଳିବ ତା'ଠୁ ଅଧିକ ବୈଦ୍ୟୁତିକ ଯନ୍ତ୍ର ବ୍ୟବହାର କରନ୍ତୁ ନାହିଁ ।
ଦୁଇ-ତୃତୀୟାଂଶ ଅଗ୍ନିକାଣ୍ଡ ବୈଦ୍ୟୁତିକ ସରଞ୍ଜାମ ବ୍ୟବହାରରେ ଅସାବଧାନତା ଯୋଗୁଁ ଘଟିଥାଏ ।
ସତର୍କ ରୁହନ୍ତୁ: ଆଖି, କାନ ଓ ନାକ ବ୍ୟବହାର କରନ୍ତୁ : ସଚେତନ ହୁଅନ୍ତୁ ।
ନିଆଁ ଲାଗିଲେ ୧୧୨ ନମ୍ବରକୁ ଶୀଘ୍ର ଫୋନ୍ କରନ୍ତୁ ।
OIPR-15001/15001/2/25-26/0010

# ‘ଜଙ୍ଗଲ ସୁରକ୍ଷା ପ୍ରତି ସଚେତନତା ସୃଷ୍ଟି କରିବା ଗୁରୁଦାୟିତ୍ୱ’

ମାଲକାନଗିରି,୨୧।୩(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ବନ ବିଭାଗ ପକ୍ଷରୁ ସତିଗୁଡା ପ୍ରାକୃତିକ ପର୍ଯ୍ୟଟନସ୍ଥଳୀ ସମ୍ମିଳନୀ କକ୍ଷରେ ଡିଏଫ୍ଓ ସାଇ କିରଣଙ୍କ ଅଧ୍ୟକ୍ଷତାରେ ବିଶ୍ୱ ବନ ଦିବସ ଶନିବାର ପାଳିତ ହୋଇଛି। ଏଥିରେ ଜିଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେ, ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ ଉପସ୍ଥିତ ଥିଲେ। ଜଙ୍ଗଲ ସୁରକ୍ଷା ପ୍ରତି ସଚେତନତା ସୃଷ୍ଟି କରିବା ବନ କର୍ମଚାରୀଙ୍କ ଗୁରୁ ଦାୟିତ୍ୱ ବୋଲି କହିଛନ୍ତି। ଜନସଂଖ୍ୟା ବୃଦ୍ଧି, ଶିଳ୍ପ ପ୍ରତିଷ୍ଠାନ, କୃଷି ପାଇଁ ଚାଷ ଜମିର ଆବଶ୍ୟକତା ଓ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ, ପଡୁ ଚାଷ ଆଦି ଯୋଗୁ କ୍ରମଶଃ ଜଙ୍ଗଲ ଓ ଜଙ୍ଗଲ ସମ୍ପଦ କ୍ଷୟ ହୋଇଯାଉଛି। ଏଥିଯୋଗୁ ବିଶ୍ୱରେ ଜଳବାୟୁ ପରିବର୍ତ୍ତନ ଚିନ୍ତାର କାରଣ ହୋଇଛି। ପ୍ରତିବର୍ଷ ବନ ଦିବସ ପାଳନ କରାଯାଉଥିଲେ ସୁଦ୍ଧା ଏହା ସାଧାରଣ ଜନତାଙ୍କ ଉପରେ ପ୍ରଭାବ ପଡୁ ନ ଥିବାରୁ ଜଙ୍ଗଲ ସମ୍ପଦ ଲୋପ ପାଉଛି ବୋଲି କହିଥିଲେ। ଜଙ୍ଗଲ ଜାତ ଦ୍ରବ୍ୟ ଦେଶର ଅର୍ଥନୀତିକୁ ସୁଦୃଢ଼ କରୁଛି। ବନବାସୀମାନେ ଜଙ୍ଗଲରୁ ମିଳୁଥିବା ସାମଗ୍ରୀରୁ ଲାଭବାନ ହୋଇ ଜୀବନଜୀବିକା ନିର୍ବାହ କରୁଛନ୍ତି। କିନ୍ତୁ କର୍ପରେଟ ସେକ୍ଟର ଅଧିକ ଲାଭବାଦ ହେଉଥିବା କୁହାଯାଇଛି। ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଆବଶ୍ୟକ ରହିଛି ବୋଲି ଅତିଥିମାନେ କହିଥିଲେ। ମାଲକାନଗିରି ବନ ଖଣ୍ଡ ପକ୍ଷରୁ ଜଙ୍ଗଲ ସୁରକ୍ଷାରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ପଞ୍ଚାୟତ ଓ ବ୍ୟକ୍ତି ବିଶେଷମାନଙ୍କୁ ମାନପତ୍ର ଓ ଅର୍ଥରାଶି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲାର ସମସ୍ତ ବନାଞ୍ଚଳ ଅଧିକାରୀ, ବନପାଳ ଓ ବନରକ୍ଷୀମାନେ ଅଂଶଗ୍ରହଣ କରିଥିଲେ। ସତୀଗୁଡା ଜଳଭଣ୍ଡାରରେ ବନ ବିଭାଗ ପକ୍ଷରୁ ପର୍ଯ୍ୟଟକମାନଙ୍କ ପାଇଁ ବିଭିନ୍ନ ସାମଗ୍ରୀ ସହ ଜଳଭଣ୍ଡାରରେ ଭ୍ରମଣ କରିବାକୁ ସ୍କୁଟର ବୋଟ୍ ସହ କ୍ରୀଡା ବୋଟ୍‌କୁ ଅତିଥି ଲୋକାର୍ପଣ କରିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେ ଓ ଅନ୍ୟମାନେ।

# ଜିଲା କାରାଗାରରେ ପରାମର୍ଶ, ବୃତ୍ତିଗତ ତାଲିମ କେନ୍ଦ୍ର ଶୁଭାରମ୍ଭ



କାର୍ଯ୍ୟକ୍ରମରେ ଜେଲ କର୍ତ୍ତୃପକ୍ଷ ଓ ଅନ୍ୟମାନେ ।

ମାଲକାନଗିରି,୨୧।୩
(ଗୌରିଶଙ୍କର ପଣ୍ଡା)

ମାଲକାନଗିରି ଜିଲା କାରାଗାରରେ ଅନ୍ତେବାସୀ ତଥା କଏଦୀମାନଙ୍କୁ ସାବଲମ୍ବୀ, ମାନସିକ ଓ ଶାରୀରିକ ସ୍ତରରେ ସୁସ୍ଥ ରଖିବାକୁ ଜେଲ ପ୍ରଶାସନ ପକ୍ଷରୁ ପରାମର୍ଶ କେନ୍ଦ୍ର, ବୃତ୍ତିଗତ ତାଲିମ, ଶିକ୍ଷାଦାନ କେନ୍ଦ୍ର ଶୁଭାରମ୍ଭ କରାଯାଇଛି। ଏଥିରେ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ସଙ୍ଗୀତା ପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଜେଲ ଅଧୀକ୍ଷକ ଦିଲୀପ କୁମାର ଜେନା, ଜେଲର ଦିଲ୍ଲୀପ କୁମାର ବେହେରା, ଜେଲ କଲ୍ୟାଣ ଅଧିକାରୀ ସଂଗ୍ରାମ କିଶୋର ମଲ୍ଲିକ, ଅସିଷ୍ଟାଣ୍ଟ ଜେଲର ନକୁଳ କୁମାର କବି ପ୍ରମୁଖ ଉପସ୍ଥିତ ଥିଲେ। କାରାଗାରରେ ଥିବା କଏଦୀମାନେ କେନ୍ଦ୍ରରେ ସିଲେଇ, ଫିନାଇଲ ତିଆରି, ୱେଲ୍ଡିଂ, ବୈଦୁତିକ କାର୍ଯ୍ୟ ଆଦି ବିଭିନ୍ନ ବୃତିଗତ ତାଲିମ ନେଇପାରିବେ। କଏଦୀମାନଙ୍କୁ ମାନସିକ ଓ ଶାରୀରିକ ସ୍ତରରେ ସୁସ୍ଥ ରଖିବାକୁ ବିଶେଷଜ୍ଞମାନଙ୍କ ଦ୍ୱାରା ପରାମର୍ଶ ଦିଆଯିବା ବ୍ୟବସ୍ଥା କରାଯାଇଛି। କଏଦୀମାନେ ଯୋଗ୍ୟତା ଅନୁଯାୟୀ ବିଭିନ୍ନ ଶିକ୍ଷା ଗ୍ରହଣ କରିବା ବ୍ୟବସ୍ଥା ରହିଛି। କଏଦୀମାନଙ୍କୁ ସମ୍ମାନର ସହ ବଞ୍ଚିବାର ରାହା ଦେଖାଇବା ସହ ତାଙ୍କୁ ସୁସ୍ଥ ରଖିବାରେ ସହାୟକ ହେବ ବୋଲି ଅତିଥି କହିଥିଲେ।

# ଲକ୍ଷ୍ମୀବସ୍ ଚଳାଚଳ ଦାବିକଲେ ଡଙ୍ଗରିଆ

କଲ୍ୟାଣସିଂହପୁର, ୨୧।୩
(ଦୀପକ କୁମାର ପରିଡ଼ା)

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ପାର୍ସାଲି ପଞ୍ଚାୟତରୁ ନିୟମଗିରି ଭିତରକୁ ସିଧାସଳଖ ଲକ୍ଷ୍ମୀ ବସ୍ ଚଳାଚଳ ପାଇଁ ଡଙ୍ଗରିଆମାନେ ଦାବି କରୁଛନ୍ତି। କଲ୍ୟାଣସିଂହପୁର ପାର୍ସଲୀରୁ ଧାମୁନିପଙ୍ଗା ପଞ୍ଚାୟତକୁ ଏକ ବସ୍ ଚଳାଚଳ କରୁଥିବାବେଳେ ତାହା ନିୟମଗିରି ଡଙ୍ଗରିଆଙ୍କ କାମ ରେ ଆସୁ ନାହିଁ। ଏହି ବସ୍ ସୁବିଧା ପାଇବାକୁ ହେଲେ ପାଦରେ ଚାଲି ଲାଖପଦରରୁ ପାର୍ସୀଲି ପଞ୍ଚାୟତକୁ ପ୍ରାୟ ୧୦ରୁ ୧୫ କିଲୋମିଟର ଯିବାକୁ ପଡୁଛି। ଠିକ୍ ସମୟରେ ପହଞ୍ଚି ପାରିଲେ ବସ୍ ମିଳୁଛି ନ ହେଲେ ହେଲେ ନାହିଁ ବୋଲି ଡଙ୍ଗରିଆମାନେ କହିଛନ୍ତି। ଡଙ୍ଗରିଆଙ୍କ ଅଭିଯୋଗ ହେଲା ଆଗରୁ ଯାତାୟାତ ପାଇଁ ରୋଡର ସୁବିଧା ନ ଥିଲା। ବର୍ତ୍ତମାନ ଯାତାୟାତର ସୁବିଧା ଥିବା ସର୍ତ୍ତେ ବସ୍ ନିୟମଗିରି ଭିତରକୁ ଆସୁନଥିବାରୁ ଯାତାୟାତରେ ଅସୁବିଧା ଭୋଗୁଛନ୍ତି। ଏହାର ଫାଇଦା ଉଠାଉଛତି ଅଟୋ ଚାଳକମାନେ। ଏହି ଲକ୍ଷ୍ମୀ ବସ ସେବା ଯୋଗାଇ ଦେବାକୁ ନିୟମଗିରି ସୁରକ୍ଷା ସମିତି ସଭାପତି ଲଦ ସିକ୍‌କା, କୃଷ୍ଣ ସିକ୍‌କା, ପୂର୍ବତନ ସରପଞ୍ଚ ବାମ କାଡ୍ରାକା, ପାଇକ ଶିକକା ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ରାୟଗଡା ଜିଲା ଓଏସ୍ଆର୍‌ଟିସି ମ୍ୟାନେଜର ସୌମ୍ୟ ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି ଆମ ପାଖରେ କୋଣସି ଲିଖିତ ଅଭିଯୋଗ ଆସିନି। ଆସିଲା ପରେ ଏ ନେଇ ପଦକ୍ଷେପ ନିଆଯିବ।

# କାୟାକଳ୍ପ ପୁରସ୍କାର: ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟ ରାଜ୍ୟରେ ପ୍ରଥମ


ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ଓ କର୍ମଚାରୀମାନେ।

ମାଲକାନଗିରି, ୨୧।୩
(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ କାୟାକଳ୍ପ ପୁରସ୍କାର ମାନଦଣ୍ଡରେ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି। ମୁଖ୍ୟ ଚିକିତ୍ସାଳୟ ଏଯାଏ ମୋଟ ୬ଥର ଏହି ଯୋଗ୍ୟତା ପାଇଛି। ୫ ଥର(୨୦୨୦-୨୧, ୨୦୨୧-୨୨, ୨୦୨୨-୨୩, ୨୦୨୩-୨୪ ଓ ୨୦୨୫-୨୬) ରାଜ୍ୟସ୍ତରରେ ଶୀର୍ଷ ସ୍ଥାନ ବଜାୟ ରଖିଛି। ୨୦୨୪-୨୫ରେ ଏହା ଦ୍ୱିତୀୟ ସ୍ଥାନରେ ଥିଲା। ଡାକ୍ତରଖାନାର ସ୍ୱଚ୍ଛତା, ଉନ୍ନତ ପରିମଳ ବ୍ୟବସ୍ଥା, ଅତ୍ୟାଧୁନିକ ଚିକିତ୍ସା ସୁବିଧା, ବର୍ଜ୍ୟବସ୍ତୁ ପରିଚାଳନା, ଦସ୍ତାବିଜ ସଂରକ୍ଷଣ ଓ ସଂକ୍ରମଣ ନିୟନ୍ତ୍ରଣ ଆଦି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଏହି ସମ୍ମାନ ମିଳିଛି। ଚଳିତବର୍ଷ ଜିଲାର ୨୧ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର(ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର) ଓ ୬୭ ଉପସ୍ୱାସ୍ଥ୍ୟକେନ୍ଦ୍ର କାୟାକଳ୍ପ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏଥିସହ ଚିତ୍ରକୋଣ୍ଡା ଉପଖଣ୍ଡ ଡାକ୍ତରଖାନା କାୟାକଳ୍ପ ଓ ଇକୋ ଫ୍ରେଣ୍ଡଲି ବର୍ଗରେ ରାଜ୍ୟରେ ପ୍ରଥମ ହୋଇଛି। ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହୋଇଥିଲା। ଚିକିତ୍ସାଳୟ ଅଧୀକ୍ଷକ ଡା. ଚୌଧୁରୀ ନିହାର ରଞ୍ଜନ ପ୍ରହରାଜଙ୍କ ଅଧ୍ୟକ୍ଷତାରେ ସମସ୍ତ କର୍ମଚାରୀ ଖୁସି ପାଳିଥିଲେ। ଏଥିରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଡୋଳାମଣି ପ୍ରଧାନ, ଏଡିଏମଓ ଡା. ସୌଭାଗ୍ୟ ରଞ୍ଜନ ରଣସିଂହ, ଡା. ନୀଳମଣି ତିଳକଚାନ୍ଦ ବେହେରା, ଶଲ୍ୟ ବିଶେଷଜ୍ଞ ଡା. ସପନ କୁମାର ଡିଣ୍ଡା, ଜିଲା କାର୍ଯ୍ୟକ୍ରମ ପରିଚାଳିକା ଡା. ମୌସୁମୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# କବି ଚକ୍ରପାଣି ପରିଚ୍ଛାଙ୍କୁ କବି ବଳରାମ ପୂଜାରୀ ସ୍ମୃତି ସମ୍ମାନ

କୋରୁକୋଣ୍ଡା,୨୧।୩(ଶିବଦତ୍ତ ସାହୁ)

ଓଡିଆ ଭାଷା ସାହିତ୍ୟର ଉପାନ୍ତ ପ୍ରହରୀ ମାଟିମଗ୍ନା ସର୍ଗତ କବି ବଳରାମ ପୂଜାରୀଙ୍କ ୫୨ତମ ଜୟନ୍ତୀ ଅବସରରେ ମାଲକାନଗିରି ଜିଲା ଓର୍କେଲ ଥାନା ଅଧୀନ କୁଡୁମୁଲୁଗୁମ୍ମାରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପୁଷ୍ପ ମାଲ୍ୟାର୍ପଣ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଜୟନ୍ତୀ ସମାରୋହ ଜୟପୁରସ୍ଥିତ ଏସ୍ଆର୍ ମଲର କନଭେନସନ ହଲ୍‌ରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ବିଶିଷ୍ଟ କବି ଡ.ବାସୁଦେବ ସୁନାନୀ, ବିଶିଷ୍ଟ ଗବେଷକ ଡ.ପରମେଶର ମୁଣ୍ଡ ଓ କବି ଡ. ପ୍ରୀତିଧାରା ସାମଲ ଯୋଗଦେଇଥିଲେ। ଏହି ଅବସରରେ ବିଶିଷ୍ଟ କବି ଚକ୍ରପାଣି ପରିଚ୍ଛାଙ୍କୁ ପ୍ରଥମ କବି ବଳରାମ ପୂଜାରୀ ସ୍ମୃତି ସମ୍ମାନ-୨୦୨୬ ପ୍ରଦାନ କରାଯାଇଥିଲା। ସମ୍ମାନ ବାବଦରେ ମାନପତ୍ର, ଉପଢୌକନ ଓ ଅର୍ଥରାଶି ବାବଦକୁ ପାଞ୍ଚ ହଜାର ଟଙ୍କା ପ୍ରଦାନ କରାଯାଇଛି।


କବି ଚକ୍ରପାଣି ପରିଚ୍ଛାଙ୍କୁ ସମ୍ମାନିତ କରାଯାଉଛି ।

# ଗ୍ୟାସ୍ ସିଲିଣ୍ଡରରେ ନିଆଁ ଲାଗି ମହିଳା ଗୁରୁତର

ଏମ୍‌ଭି-୭୯, ୨୧।୩(ଆଶିଷ ବାଇନ)

ମାଲକାନଗିରି ଜିଲା ଏମଭି ୭୯ ଗ୍ରାମରେ ଗ୍ୟାସ୍ ସିଲିଣ୍ଡରରେ ନିଆଁ ଲାଗିଯିବାରୁ ଜଣେ ମହିଳା ଗୁରୁତର ହୋଇଥିବା ଜଣାପଡ଼ିଛି। ଏମଭି ୭୯ ଗ୍ରାମସ୍ଥିତ ବିବେକାନନ୍ଦ ଇଂଲିଶ ମିଡିୟମ ସ୍କୁଲ ସମ୍ମୁଖରେ ରହୁଥିବା ଅଭିଜିତ ସାହାଙ୍କ ସ୍ତ୍ରୀ ଭବାନୀ ରୋଷେଇ କରୁଥିଲେ। ଏହି ସମୟରେ ଘରେ ଥିବା ପେଟ୍ରୋଲ ଜାରକିନ୍ ଲିକେଜ୍ ଥିବାରୁ ଗ୍ୟାସ୍ ଚୁଲାର ନିଆଁ ଏଥିରେ ଲାଗିଯାଇଥିଲା। ନିଆଁ ଘରସାରା ବ୍ୟାପି ଯାଇଥିଲା। ଭବାନୀ ନିଆଁ ମଝିରେ ଫସିଯାଇଥିଲେ। ଆଖପାଖ ଲୋକେ ନିଆଁ ଲିଭାଇବାକୁ ଚେଷ୍ଟା କରିବା ସହ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ସ୍ଥାନୀୟ ଲୋକେ ଭବାନୀଙ୍କୁ ଏମ୍‌ଭି ୭୯ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। କାଲିମେଳା ଅଗ୍ନିଶମ ବିଭାଗର ଏକ ଟିମ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଲକ୍ଷ ଲକ୍ଷ ଟଙ୍କାର ଦୋକାନ ସାମଗ୍ରୀ, ଆସବାବପତ୍ର ପୋଡି ହୋଇଯାଇଥିବା ଜଣାପଡିଛି। ଏମଭି ୭୯ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ପକ୍ଷୀମାନଙ୍କ ପାଇଁ ସୁରକ୍ଷିତ ପରିବେଶ ସୃଷ୍ଟି ନେଇ ସଚେତନତା


ଛାତ୍ରୀଛାତ୍ର ହାତ ପାପୁଲିରେ ଚିତ୍ର ଆଙ୍କି ସଚେତନତା ବାର୍ତ୍ତା ଦେଉଛନ୍ତି ।

ମାଲକାନଗିରି,୨୧।୩
(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ମାଥିଲି ବ୍ଲକ ଭେଜାଗୁଡା ପଞ୍ଚାୟତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପୁରୁଣା କତାମେଟା ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଶ୍ୱ ଘର ଚଟିଆ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏଥିରେ ବିଭିନ୍ନ ପ୍ରକାରର ଗତିବଧି ମାଧ୍ୟମରେ ପିଲାଙ୍କୁ ଘରଚଟିଆ ଓ ଆଖପାଖରେ ରହୁଥିବା ବିଭିନ୍ନ ପକ୍ଷୀମାନଙ୍କ ସୁରକ୍ଷା ଓ ସେମାନଙ୍କ ପାଇଁ ଏକ ସୁରକ୍ଷିତ ପରିବେଶ ସୃଷ୍ଟି ହୋଇପାରିବା ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିସହ ନିଜ ଅଞ୍ଚଳର ପରିବେଶକୁ ସଫାସୁତୁରା ରଖିବା, ଘରଚଟିଆ ଓ ଅନ୍ୟ ପକ୍ଷୀମାନେ ନିର୍ଭୟରେ ରହିପାରିବା ନେଇ ପ୍ରଧାନଶିକ୍ଷକ ଦାମୋଦର ନାୟକ, ଶିକ୍ଷକ ସୁରେନ୍ଦ୍ର ବବର୍ତ୍ତି, ଶିବପ୍ରସାଦ ସରକାର ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଏହି ଉପଲକ୍ଷେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ସାମାଜିକ କର୍ମୀ ଦିପାରାଣୀ ନାୟକ ପୁରସ୍କୃତ କରିଥିଲେ। ଛାତ୍ରୀଛାତ୍ର ହାତ ପାପୁଲିରେ ଘରଚଟିଆ ଚଢେଇ ସହ ତାଙ୍କୁ ସୁରକ୍ଷା କରିବାକୁ ଚିତ୍ର ଆଙ୍କି ଅଞ୍ଚଳବାସୀଙ୍କୁ ସଚେତନ କରାଇଥିଲେ।

# ସିୱାଇଏସଡି କାର୍ଯ୍ୟକ୍ରମ ସାମାଜିକ ସମୀକ୍ଷା


କାର୍ଯ୍ୟକ୍ରମରେ ଅଧିକାରୀ ଓ ହିତାଧିକାରୀମାନେ ।

ମାଲକାନଗିରି,୨୧।୩
(ଗୌରିଶଙ୍କର ପଣ୍ଡା)

ମାଲକାନଗିରି ବ୍ଲକ୍ ସିନ୍ଧ୍ରିମାଳ ପଞ୍ଚାୟତ ସଭାଗୃହରେ ସିୱାଇଏସ୍‌ଡି ପରିଚାଳିତ ଶିଶୁଗୃହ(କ୍ରେଚ) କାର୍ଯ୍ୟକ୍ରମର ଏକ ସାମାଜିକ ସମୀକ୍ଷା ପଞ୍ଚାୟତ ପ୍ରତିନିଧି, ପ୍ରକଳ୍ପର ହିତାଧିକାରୀ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଓ ୮ ପଞ୍ଚାୟତ ଗୋଷ୍ଠୀ ସଦସ୍ୟଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ମାଲକାନଗିରି ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟକ୍ଷ ଲିଙ୍ଗରାଜ ମିଶ୍ର ଯୋଗଦେଇଥିଲେ। ଜିଲା ପ୍ରଶାସନ ସହ ସମନ୍ୱୟ ରକ୍ଷା କରିବା ଓ ବିଭିନ୍ନ ସରକାରୀ ଯୋଜନାର ଉପଯୋଗ କରିବାକୁ ସେ ଏହି ଅନୁଷ୍ଠାନକୁ ପ୍ରସ୍ତାବ ଦେଇଥିଲେ। କାର୍ଯ୍ୟକ୍ରମରେ ସିୱାଇଏସ୍‌ଡିର ବରିଷ୍ଠ ପରିଚାଳକ ଅମିତ୍ କୁମାର ମହାପାତ୍ର ଓ ରମେଶ ଚନ୍ଦ୍ର ସ୍ୱାଇଁ ସାମଜିକ ସମୀକ୍ଷାର ଉଦ୍ଦେଶ୍ୟ ନେଇ କହିଥିଲେ। ସାମଜିକ ସମୀକ୍ଷା ପାଇଁ ପ୍ରକଳ୍ପ ପକ୍ଷରୁ ସମ୍ପାଦିତ କାର୍ଯ୍ୟକ୍ରମ ବିବରଣୀ ଓ ଆର୍ଥିକ ବ୍ୟୟ ବିବରଣୀ ପୋଷ୍ଟର ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା। ଶିଶୁ ଘର ପ୍ରକଳ୍ପ ୭ ମାସରୁ ୩ ବର୍ଷ ଶିଶୁମାନଙ୍କ ପୃଷ୍ଟି ସାଧନରେ ସକ୍ରିୟ ସହଯୋଗ କରୁଛି, ପିତାମାତା ଉଭୟ କାମ କରିପାରୁଛନ୍ତି ଓ ପରିବାରର ଅନ୍ୟ ଶିଶୁମାନେ ବିଦ୍ୟାଳୟକୁ ଯାଇପାରୁଛନ୍ତି ବୋଲି ଅତିଥି କହିଥିଲେ। କ୍ରେଚ ସେଣ୍ଟରରେ ଶୌଚାଳୟ, ସେଣ୍ଟର ଚତୁପାର୍ଶ୍ୱରେ ପାଚେରି, ସ୍ଥାୟୀ କ୍ରେଚ ଗୃହ ନିର୍ମାଣ ପାଇଁ ପ୍ରସ୍ତାବ ଦେଇଥିଲେ। ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ରେଖା ଶୁଭ ସୁନ୍ଦର ଶିଶୁଘର କାର୍ଯ୍ୟକ୍ରମ ବିଷୟରେ ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମାର ସିନ୍ଧ୍ରିମାଳ, ପେଡାକୋଣ୍ଡା ଓ ଚାଲାନଗୁଡା ପଞ୍ଚାୟତ ସରପଞ୍ଚ ଘାଶି ନାୟକ, ଲାକ୍ମା କବାଶି ଓ ଅରକ୍ଷିତ ନାୟକ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ୮ ପଞ୍ଚାୟତରୁ ହିତାଧିକାରୀ, ତୃଣମୂଳସ୍ତରୀୟ କର୍ମକର୍ତ୍ତା, ପଞ୍ଚାୟତ ପ୍ରତିନିଧି, ୨୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ। ଶିଶୁଗୃହ ପ୍ରକଳ୍ପ ସଂଯୋଜକ ଶେଖ ଫୋଜିଲଲି ଦୌଲା ଓ ସିୱାଇଏସଡି ଜିଲା ସଂଯୋଜକ ଦେବଜିତ ବେଉରା ପରିଚାଳନା କରିଥିଲେ।

